## ପାଣି ପାଇଁ ଝାମେଲା

# ଜନସ୍ୱାସ୍ଥ୍ୟ ବିଭାଗର ଗାଡ଼ିକୁ ଅଟକ ରଖିଲେ ଗ୍ରାମବାସୀ

ଖଲ୍ଲିକୋଟ, ୧୦।୯ (ସମିସ)



ଖଲ୍ଲିକୋଟ ଅଞ୍ଚଳରେ ପାଣି ପାଇଁ ଝାମେଲା ସୃଷ୍ଟି ହୋଇଛି। ସହରକୁ ପାନୀୟ ଜଳ ଯୋଗାଇବାକୁ ଏନ୍‌ଏସି ଅନ୍ତର୍ଗତ ୮ନମ୍ବର ୱାର୍ଡ ଶ୍ୟାମସୁନ୍ଦରପୁର ଗ୍ରାମରେ ଆଜି ବୋରିଂ ଖୋଳିବାକୁ ଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗର ଏକ ଗାଡ଼ିକୁ ବୋରିଂ ନ ଖୋଳିବା ଦାବିରେ ଗ୍ରାମବାସୀ ଅଟକ ରଖିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ, ଗାଁରେ କୂଅ ପୋଖରୀ ସବୁ ଶୁଖିଲା ପଡ଼ିଥିଲା ବେଳେ ଖଲ୍ଲିକୋଟକୁ ପାନୀୟ ଜଳ ଯୋଗାଇବା ପାଇଁ ଗାଁରେ ୧୦ରୁ ଊର୍ଦ୍ଧ୍ୱ ବୋରିଂ ଖୋଳାଯାଇଛି। ଗାଁରେ ପ୍ରାୟ ୧୦ଟି ପୋଖରୀ ଥିବାବେଳେ ମଟିକୁ ଛାଡିଦେଲେ ଅନ୍ୟସବୁ ପୋଖରୀ ଶୁଖିଲା ପଡ଼ିଛି। ବାରମ୍ବାର ବୋରିଂ ଖୋଳି ବାହାରକୁ ପାଣି ସପ୍ଲାଇ କରାଯାଉଥିବାରୁ ଗ୍ରାମରେ ଭୂତଳ ଜଳ ସ୍ତର ହ୍ରାସ ପାଉଛି। ତେଣୁ ସେମାନେ ଗାଁରେ ଆଉ ବୋରିଂ ଖୋଳିବାକୁ ଦେବେନାହିଁ ବୋଲି ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ। ତଥାପି ପୁଣି ସେମାନେ ବୋରିଂ ଖୋଳିବାକୁ ଗାଡି ପଠେଇ ଦେଇଛନ୍ତି। ବୋରିଂ ଖୋଳିବାକୁ ଦେବେ ନାହିଁ ବୋଲି ଅଡ଼ି ବସିଥିଲେ ଗ୍ରାମବାସୀ। ତେବେ ଖଲ୍ଲିକୋଟ ପୁଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଛି। ସେପଟେ ସାବୁଳିଆ ଗ୍ରାମରେ ନିୟମିତ ପାନୀୟ ଜଳ ଯୋଗାଣ କରିବା ଦାବିରେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଖାଲି ହାଣ୍ଡି ମାଠିଆ ରଖି ମହିଳା ମାନେ ଆନ୍ଦୋଳନ କରିଛନ୍ତି। ଗାଁରେ ବର୍ଷେ ହେଲା ପାନୀୟ ଜଳ ଠିକ ଭାବେ ଆସୁନି। ପାଣି ପଞ୍ଚାୟତ କମିଟି ଦୀର୍ଘ ଦିନ ହେଲା ପରିବର୍ତ୍ତନ ହୋଇନି। ଠିକ ଭାବେ ପାନୀୟ ଜଳ ଯୋଗାଣ ହେଉ ନଥିବାରୁ ଗ୍ରାମବାସୀ ନଳକୂଅ, ପୋଖରୀରୁ ପାଣି ଆଣି ପାନୀୟ ଜଳ ଭାବେ ବ୍ୟବହାର କରୁଥିବାରୁ ବହୁ ଅସାଧ୍ୟ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ସେମାନଙ୍କୁ ନିୟମିତ ପାନୀୟ ଜଳ ଯୋଗାଣ ଦାବି କରି ମହିଳା ମାନେ ଖାଲି ହାଣ୍ଡିମାଠିଆ ସାବୁଳିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରଖି ଆନ୍ଦୋଳନ କରିଥିଲେ।

**ପାଣି ପାଇଁ ସାବୁଳିଆ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଆନ୍ଦୋଳନ**

# ଅଳିଆ ବୁହା ଟ୍ରଲିରେ ଜାତୀୟ ପତାକା

■ ସାଧାରଣରେ ତୀବ୍ର ପ୍ରତିକ୍ରିୟା



ବେଲଗୁଣ୍ଠା, ୧୦।୯ (ସମିସ): ବେଲଗୁଣ୍ଠା ଏନ୍‌ଏସିର ଏକ ଅଳିଆ ବୁହା ଟ୍ରଲିରେ ଜାତୀୟ ପତାକା ଲାଗିଛି। ଏହି ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ପରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଗତ କିଛିଦିନ ହେବ ବେଲଗୁଣ୍ଠାର ବିଭିନ୍ନ ସାହି ଏବଂ ଗଳିକନ୍ଦିରେ ଅଳିଆ ଗଦା ହୋଇ ରହିବା ସହିତ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ୁଛି ଓ ଏହାକୁ ନେଇ ବିଭିନ୍ନ ୱାର୍ଡ଼ରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଆଜି ସକାଳୁ ଜାତୀୟ ପତାକାକୁ ଅସମ୍ମାନ କଲାଭଳି ଏକ ଅଭାବନୀୟ ଦୃଶ୍ୟ ଏହି ଜନ ଅସନ୍ତୋଷରେ ଘିଅ ଢାଳିଛି। ଏନଏସିର ୪ନଂ ୱାର୍ଡ଼ ରାସ୍ତା ପାର୍ଶ୍ୱରେ ଅଳିଆ ଗଦା ପଡ଼ି ରହିଥିଲା। ସେଠାରେ ଥିବା ଏକ ଅଳିଆ ବୁହା ଟ୍ରଲିରେ କୌଣସି ଦୁର୍ବୃତ୍ତ ଏକ ଜାତୀୟ ପତାକା ଲଗାଇଥିବା ଦେଖିବାକୁ ମିଳିଥିଲା। ଏନେଇ ଏନ୍‌ଏସି ନିର୍ବାହି ଅଧିକାରୀ ବନମାଳୀ ଶତପଥିଙ୍କୁ ପଚାରିବାରୁ ଘଟଣାର ସତ୍ୟାସତ୍ୟ ଯାଞ୍ଚ୍ ପରେ ସୁଇପର ଦରମା ବନ୍ଦ କରାଯାଇଥିବା ବେଳେ ସୁପରଭାଇଜଙ୍କୁ କାରଣଦର୍ଶାଅ ନୋଟିସ୍ କରାଯାଇଥିବା ପ୍ରକାଶ କରିଛନ୍ତି।

# ଦୁଇଦିନ ପରେ ଗାଁରେ ପହଞ୍ଚିଲା ଦାଦନଙ୍କ ମୃତଦେହ



ପାତ୍ରପୁର, ୧୦।୯ (ସମିସ): ଗତ ୮ତାରିଖରେ ଚେନ୍ନାଇରେ ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିବା ପାତ୍ରପୁର ବ୍ଲକ ମନ୍ଦରଡା ପଞ୍ଚାୟତ ଅନ୍ତର୍ଗତ ତିନିଘରିଆ ଗ୍ରାମର ଗୋପାଳ ଗୌଡଙ୍କ ପୁଅ ଗଦାଧର ଗୌଡଙ୍କ ଶବ ଆଜି ଅପରାହ୍ନରେ ଗ୍ରାମରେ ପହଞ୍ଚିଛି। ଶୋକକୂଳ ପରିବେଶରେ ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମ୍ୟ ସ୍ମଶାନରେ ଦାହ କରାଯାଇଛି। ସୂଚନାପ୍ରକାରେ ଗଦାଧର ଗତ ୪ମାସ ହେବ ତାମିଲନାଡୁରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ସୋମବାର ଦିନ ବସ୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଦୁଇ ବସ୍ ଦୁର୍ଘଟଣା; ୩ ଯାତ୍ରୀ ଆହତ

ଖଲ୍ଲିକୋଟ, ୧୦।୯ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ବସଷ୍ଟାଣ୍ଡରେ ବସ ପଛକୁ ଆଉ ଏକ ବସ ଧକ୍କା ଦେଇଛି। ଫଳରେ ୩ଜଣ ଯାତ୍ରୀ ଆହତ ହୋଇଛନ୍ତି। ମଧ୍ୟାହ୍ନ ୧୨ଟାରେ ଆସିକାରୁ ଭୁବନେଶ୍ୱର ଯାଉଥିବା ଆୟୁଷ୍ମାନ ନାମକ ଘରୋଇ ବସ ମଥୁରାଠାରେ ରାସ୍ତା ମଝିରେ ବସ ରଖି ଯାତ୍ରୀ ଓହ୍ଲାଉ ଥିବା ବେଳେ ପଛପଟୁ ବୀଣାପାଣି ନାମକ ଆଉ ଏକ ଘରୋଇ ବସ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଆସି ଆୟୁଷ୍ମାନ ବସ ପଛକୁ ଧକ୍କା ଦେଇଥିଲା। ଫଳରେ ୩ ଜଣ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ପୁଲିସ ପହଞ୍ଚି ବସ ଦୁଇଟିକୁ ଥାନାକୁ ନେଇଥିଲା।

# ଦୁର୍ଘଟଣାରେ ଖେମୁଣ୍ଡି କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ମୃତ୍ୟୁ



ଦିଗପହଣ୍ଡି, ୧୦।୯ (ସମିସ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ସରକାରୀ ମଦଭାଟି ନିକଟରେ ଦୁର୍ଘଟଣା ଘଟି ବୁଧବାର ଅପରାହ୍ନରେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜର ପୂର୍ବତନ ଅଧ୍ୟକ୍ଷ ମୂରଲୀଧର ପ୍ରଧାନ (୬୬)ଙ୍କ ମୃତ୍ୟୁ ଘଟିଛି। ବ୍ରହ୍ମପୁର ତୁଳସୀ ନଗରରେ ରହୁଥିବା ଅଧ୍ୟକ୍ଷ ପ୍ରଧାନ ଏକ ସ୍କୁଟିରେ ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତର ପୈତୃକ ହାତୀଆଡି ଗ୍ରାମକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା କିପରି ଘଟିଲା ସ୍ପଷ୍ଟ ହୋଇନଥିବା ବେଳେ ଖବର ଲେଖାହେବା ଯାଏ ପୁଲିସ ନିକଟରେ ମଧ ଅଭିଯୋଗ ପହଞ୍ଚି ନଥିବା ବ୍ରହ୍ମପୁର ସଦର ଥାନା ଆଇଆଇସି କହିଛନ୍ତି। ଦୁର୍ଘଟଣା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ସନ୍ଧ୍ୟା ପ୍ରାୟ ୬ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଖେମୁଣ୍ଡି କଲେଜ ଅଧ୍ୟକ୍ଷ ଡ. ଅସିତ କୁମାର ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

● ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ

# ନୂତନ ସୃଜନଶୀଳତା ଓ କାର୍ଯ୍ୟଦକ୍ଷତା କୌଶଳ କାର୍ଯ୍ୟକ୍ରମ

ବେଲଗୁଣ୍ଠା, ୧୦।୯ (ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ନୂତନ ସୃଜନଶୀଳତା ଓ କାର୍ଯ୍ୟଦକ୍ଷତା କୌଶଳ କାର୍ଯ୍ୟକ୍ରମ ଅନୁଷ୍ଠାନ ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ଅଜୟ କୁମାର ବିଶ୍ୱାଳ, ସପନ କୁମାର ପ୍ରଧାନ ମଞ୍ଚାସୀନ ଥିଲେ ଓ ଗ୍ରନ୍ଥାଗାରିକ ରଞ୍ଜିତ୍ କୁମାର ସାମଲ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏହି ନୂତନ କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଭୂମିକା ଏବଂ ଏହା ମାଧ୍ୟମରେ ଛାତ୍ରଛାତ୍ରୀ କିପରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ମନ୍ତବ୍ୟ ରଖିଥିଲେ। ରୋଷେଇ କରିବା, ମେହେନ୍ଦି, ବର୍ଜ୍ୟ ବସ୍ତୁରୁ ବିଭିନ୍ନ ଉପକରଣ ପ୍ରସ୍ତୁତି, ବୁଣିବା ଆଦି ପ୍ରତିଯୋଗୀତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଅଜୟ କୁମାର ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଟଙ୍କା ଫେରସ୍ତ ଦାବିରେ ବ୍ୟାଙ୍କ ସମ୍ମୁଖରେ ଜମାକାରୀଙ୍କ ବିକ୍ଷୋଭ

ଦିଗପହଣ୍ଡି, ୧୦।୯ (ସମିସ): ଜମାକାରୀଙ୍କ ଟଙ୍କା ଫେରସ୍ତ ଦାବିରେ ବୁଧବାର ଦିଗପହଣ୍ଡି ମୁଖ୍ୟରାସ୍ତା କଡ଼ରେ ଥିବା ୟୁନିୟନ ବ୍ୟାଙ୍କ ଫାଟକ ସମ୍ମୁଖରେ ବହୁ ଜମାକାରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଲୋକମାନେ ନିଜ ସଞ୍ଚିତ ଅର୍ଥରାଶିକୁ ସୁରକ୍ଷିତ ରଖିବାକୁ ଏହି ବ୍ୟାଙ୍କ ଉପରେ ଭରସା କରି ଟଙ୍କା ବାନ୍ଧିଥିଲେ। ତେବେ ଅନେକ ଜମାକାରୀଙ୍କ ସ୍ଥାୟୀ ଜମାରାଶି ମ୍ୟାଚ୍ୟୁରିଟି ହୋଇସାରିଥିଲେ ମଧ୍ୟ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରଦାନ କରୁନଥିବା ଜଣାପଡ଼ିଛି। ଏପରିକି ଜମାକାରୀମାନେ ଏପ୍ରିଲ ମାସରୁ ସେମାନଙ୍କ ଟଙ୍କା ଉଠାଣ ନିମନ୍ତେ ଯାଉଥିବା ବେଳେ ଶାଖା ପରିଚାଳକ ବିଭିନ୍ନ ବାହାନାରେ ଫେରାଇ ଦେଉଥିଲେ। ଗତ କିଛିଦିନ ହେଲା ବ୍ୟାଙ୍କରେ ଶାଖା ପରିଚାଳକ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦେଖା ମିଳୁନାହିଁ। ଗତ ୩ ଦିନ ପୂର୍ବେ ଜମାକାରୀମାନେ ଦିଗପହଣ୍ଡି ଥାନାରେ ଏତଲା ଦେବା ସହ ମଙ୍ଗଳବାର ସୁଦ୍ଧା ଟଙ୍କା ଫେରସ୍ତ ନ ହେଲେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ବୁଧବାର ପୂର୍ବାହ୍ନରେ ବିଜେପି ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥଙ୍କ ନେତୃତ୍ୱରେ ବହୁ ଜମାକାରୀ ବ୍ୟାଙ୍କ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଦୀର୍ଘ ୩ ଘଣ୍ଟା ପରେ ବି ମ୍ୟାନେଜରଙ୍କ ଦେଖା ମିଳିନଥିଲା। ବ୍ୟାଙ୍କକୁ ଆସିଥିବା ଅନ୍ୟ ଗ୍ରାହକ ବ୍ୟାଙ୍କ ସେବାରୁ ବଞ୍ଚିତ ହୋଇ ନିରାଶରେ ଫେରିଥିଲେ। ଅପରାହ୍ନରେ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଦିଗପହଣ୍ଡି ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ବ୍ୟାଙ୍କରେ ପହଞ୍ଚିବା ସହ ମ୍ୟାନେଜରଙ୍କ ଅନୁପସ୍ଥିତିରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨୯ ସୁଦ୍ଧା ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବିକ୍ଷୋଭ ବେଳେ ପ୍ରଭାତ ନାରାୟଣ ରଥ, ବୃନ୍ଦାବନ ସ୍ୱାଇଁ, ଅରକ୍ଷିତ ଗୌଡ, ପାଣ୍ଡବ ସେଠୀ ସମେତ ବହୁ ସଂଖ୍ୟକ ଜମାକାରୀ ଉପସ୍ଥିତ ଥିଲେ।



# ନାବାଳିକାକୁ ଅପହରଣ ଉଦ୍ୟମ ପଣ୍ଡ; ଜଣେ ଗିରଫ

ଭଞ୍ଜନଗର, ୧୦।୯ (ସମିସ): ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅନ୍ତର୍ଗତ ନୂଆଁପଲ୍ଲୀରୁ ମଙ୍ଗଳବାର ଜଣେ ୧୦ ବର୍ଷର ନାବାଳିକାଙ୍କୁ ରାଇକିଆ ଥାନା ଅନ୍ତର୍ଗତ ସୁବଲାବାଡ଼ି ଗ୍ରାମର ସୁଶାନ୍ତ ସେଠୀ ନିଜ ସ୍କୁଟିରେ ଅପହରଣ କରି ନେଉଥିଲେ। ପରେ ଗାଲେରିଠାରେ ନାବାଳିକା ଜଣକ କାନ୍ଦୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୁକ୍ତକୁ ଗୋଡ଼ାଇ ଅଟକାଇଥିଲେ। ଏହାପରେ ଲୋକେ ତାରସିଂ ପୁଲିସକୁ ଡାକି ଅଭିଯୁକ୍ତକୁ ହସ୍ତାନ୍ତର କରିଥିଲେ। ପୁଲିସ ତଦନ୍ତ କରିବା ପରେ ଅଭିଯୁକ୍ତ ଜଣକ ବେଆଇନ କାର୍ଯ୍ୟରେ ଜଡ଼ିତ ଥିବା ଜଣାପଡ଼ିଥିଲା। ଏଣୁ ସେ ନାବାଳିକାଙ୍କୁ ଯୌନ ନିର୍ଯାତନା କିମ୍ବା ଅନ୍ୟତ୍ର ଚାଲାଣ ପାଇଁ ଯୋଜନା କରିଥିବା ସନ୍ଦେହ କରାଯାଉଛି। ନାବାଳିକାଙ୍କ ମା'ଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତ ସୁଶାନ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣା ଲୋକଲୋଚନକୁ ଆସିବା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ପ୍ରକାଶ ଯେ, ନୂଆଁପଲ୍ଲୀର ୩ ଭାଇ ଭଉଣୀ ଗାଁଦାଣ୍ଡରେ ମଙ୍ଗଳବାର ଖେଳୁଥିଲେ। ସେମାନଙ୍କ ମା' ଜମିକୁ କାମ କରିବାକୁ ଯାଇଥିଲେ। ବାପା ବେଙ୍ଗାଲୁରୁରେ ରହି କାମ କରନ୍ତି। ଏହି ସମୟରେ ଅଭିଯୁକ୍ତ ଜଣଙ୍କ ଏକ ସ୍କୁଟିରେ ଉକ୍ତ ଗ୍ରାମରେ ପହଞ୍ଚି ଖେଳୁଥିବା ୩ ଭାଇ ଭଉଣୀ ମଧ୍ୟରୁ ବଡ଼ ଭଉଣୀକୁ ଯୋଜନାବଦ୍ଧ ଭାବେ ଅପହରଣ କରିନେଇଥିଲେ। ନାବାଳିକାଙ୍କ ମା' ଜମିରୁ ଫେରି ବଡ଼ ଝିଅକୁ ନପାଇ ସାନ ଝିଅ ଓ ପୁଅକୁ ପଚାରିବାରୁ କିଏ ଜଣେ ଆସି ତାକୁ ଗାଲେରୀ ରାସ୍ତାରେ ନେଇଯାଇଥିବା କହିଥିଲେ। ଏହାପରେ ନାବାଳିକାଙ୍କ ମା' ଖୋଜିବାକୁ ଆସିଥିବା ସମୟରେ ଲୋକେ ତାଙ୍କ ଝିଅକୁ ଉଦ୍ଧାର କରିଥିବା ଜାଣିବାକୁ ପାଇଥିଲେ। ଏହାପରେ ପୁଲିସ ଉପସ୍ଥିତିରେ ଝିଅକୁ ମା'କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# 'ସ୍ୱଚ୍ଛ ବାୟୁ: ସୁନୀଳ ଆକାଶ' କର୍ମଶାଳାର ଆୟୋଜନ



ଛତ୍ରପୁର, ୧୦।୯ (ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ହୃଷୀକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ କଲେଜ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ 'ସ୍ୱଚ୍ଛ ବାୟୁ ଓ ସୁନୀଳ ଆକାଶ' ଶୀର୍ଷକ ଏକ କର୍ମଶାଳାର ଆୟୋଜନ ହୋଇଯାଇଛି। କର୍ମଶାଳାରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବାଲୁଙ୍କେଶ୍ୱର ଷଡଙ୍ଗୀ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସ୍ୱାଧୀନ ରଥ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ପରିବର୍ତ୍ତିତ ପୃଥିବୀର ପ୍ରେକ୍ଷାପଟରେ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛ ବାୟୁ ଓ ସୁନୀଳ ଆକାଶର ଆବଶ୍ୟକତା ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଯୁବ ରେଡକ୍ରସର ସଂଯୋଜିକା ଅନ୍ନପୂର୍ଣ୍ଣା ଦାସ, ବରିଷ୍ଠ ଅଧ୍ୟାପକ ବିଜୟ କୁମାର ଖଟେଇ, ବାବୁଲା କୁମାର ନାୟକ, କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଅଧ୍ୟାପିକା ସ୍ୱରୂପା ସାହୁ, ସଙ୍ଗୀତା ସ୍ୱାଇଁ, ମଧୁସ୍ମିତା ପ୍ରଧାନ, ପଦ୍ମଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ଅଗ୍ନିଶମ ବିଭାଗ ଦ୍ୱାରା ଷଣ୍ଢ ଉଦ୍ଧାର

କୋଦଳା, ୧୦।୯ (ସମିସ): ବେଗୁନିଆପଡ଼ା ଗ୍ରାମର ଛଣି ଖାତ ପୋଖରୀରୁ ଗୋଟିଏ ଷଣ୍ଢକୁ କୋଦଳା ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ଷଣ୍ଢ ମୁହାଁମୁହିଁ ଲଢ଼େଇ ହେବା ଫଳରେ ଗୋଟିଏ ଷଣ୍ଢ ପୋଖରୀ ଭିତରକୁ ଖସି ପଡ଼ିଥିଲା। ପାଣିଭର୍ତ୍ତି ପୋଖରୀରୁ ଷଣ୍ଢଟି ବାହାରି ପାରିନଥିଲା। ସେଠାରେ ଉପସ୍ଥିତ ଲୋକେ କୋଦଳା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କିଛି ସମୟ ପରେ କୋଦଳା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଷଣ୍ଢଟିକୁ ଉଦ୍ଧାର କରିଛି।

# ମାନସିକବିକୃତ ବୃଦ୍ଧାଙ୍କ ଗଳିତ ଶବ କେନାଲରୁ ଉଦ୍ଧାର

ଦିଗପହଣ୍ଡି, ୧୦।୯ (ସମିସ): ଦିଗପହଣ୍ଡି ବ୍ଲକ କେ. ନୂଆଗାଁ ଥାନା ଅର୍ନ୍ତଗତ ଗଡ଼ଗୋବିନ୍ଦପୁର ଗ୍ରାମ ନିକଟସ୍ଥ ଏକ କେନାଲରୁ ବୁଧବାର ଅପରାହ୍ନରେ ପୁଲିସ ଜଣେ ମାନସିକ ବିକୃତ ବୃଦ୍ଧାଙ୍କ ଗଳିତ ଶବ ଉଦ୍ଧାର କରିଛି। ମୃତ ବୃଦ୍ଧା ଜଣକ ହେଲେ ଗଡ଼ଗୋବିନ୍ଦପୁର ଗ୍ରାମ ହରିଜନ ସାହିର କେ . ପୁନି (୭୦)। ପୁନି ମାନସିକ ବିକୃତ ଯୋଗୁଁ ଏଣେତେଣେ ରହୁଥିଲେ। ଗତ ୭ ଦିନ ହେଲା ଘରକୁ ଆସିନଥିଲେ। ଗ୍ରାମର କିଛି ବ୍ୟକ୍ତି କେନାଲ ରାସ୍ତାରେ ଯିବାବେଳେ ଦୁର୍ଗନ୍ଧ ବାହାରୁଥିବା ଦେଖି ସେଠାକୁ ଯିବାପରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ସାହୁଙ୍କୁ ଖବର ଦେଇଥିଲେ। ସରପଞ୍ଚ ପୁଲିସକୁ ଜଣାଇବାରୁ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ଚିହ୍ନଟ କରିବାକୁ ଚେଷ୍ଟା କରିଥିଲା। ଦୀର୍ଘ ସମୟ ପରେ ମୃତକଙ୍କ ସାନ ବୋହୁ କେ .ପିଙ୍କି ମୃତଦେହ ଚିହ୍ନଟ କରିଥିଲେ। ଏହାପରେ ପୁଲିସ ମୃତଦେହ ଜବତ କରି ଥାନା ଅପମୃତ୍ୟୁ ମାମଲା ନଂ.୧୪/୨୫ଅନୁଯାୟୀ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ଶବ ଗୃହକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ କିଶୋର ଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି।

# ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟିଲା ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି

ଛତ୍ରପୁର, ୧୦।୯ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ବଟେଶ୍ୱର ପୀଠକୁ ସଂଯୋଗ ରାସ୍ତା ସମସ୍ୟା ଯୋଗୁଁ ଲୋକମାନେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏନେଇ ବୁଧବାର ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇବା ସହ ଉକ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଶୁଣିବା ପରେ ଜାତୀୟ ରାଜପଥ ପ୍ରାଧିକାରଣ ବିଭାଗ ସହିତ କଥା ହୋଇ ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ। ପ୍ରକାଶ ଯୋଗ୍ୟ ହୁମା ନିକଟ ୧୬ଜାତୀୟ ରାଜପଥରୁ ବଟେଶ୍ୱର ମନ୍ଦିରକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଟି ରହିଛି। ବର୍ତ୍ତମାନ ହୁମାଠାରେ ଦୀର୍ଘ ଦିନ ହେଲା ନିର୍ମାଣଧିନ ଓଭର ବ୍ରିଜି ଯୋଗୁଁ ରାଜପଥରୁ ମନ୍ଦିର ପ୍ରବେଶ ପଥ ବନ୍ଦ ରହିଛି। ଫଳରେ ଲୋକମାନେ ମନ୍ଦିର ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ଆଗାମୀ କାର୍ତ୍ତିକ ମାସରେ ସୋମବାର ଏବଂ ଯାତ୍ରା ସମୟରେ ହଜାର ହଜାର ଲୋକଙ୍କ ଭିଡ଼ ହେବାକୁ ଥିବା ବେଳେ ରାସ୍ତାଟି ନିର୍ମାଣ ହେବା ଅତ୍ୟନ୍ତ ଜରୁରୀ ବୋଲି କମିଟି ଦାବି କରିଛନ୍ତି। ଜିଲ୍ଲାପାଳଙ୍କୁ ସାକ୍ଷାତ ସମୟରେ ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ, କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ସ୍ୱାଇଁ, ଉପ ସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ ପଲାଇ, କୋଷାଧକ୍ଷ ନିରାକାର ଜେନା ଓ ପବିତ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳସେଚନ ବିଭାଗର ଅଧିକାରୀ ବୁଲି ଦେଖିଲେ ପାହାଡ଼ି ଅଞ୍ଚଳର ଅସୁବିଧା



ରମ୍ଭା, ୧୦।୯ (ସମିସ): ବୁଧବାର ଜଳସେଚନ ବିଭାଗର ଏସଡିଓ, ଆସିଷ୍ଟାଣ୍ଟ ଇଞ୍ଜିନିଅର ଓ ଷ୍ଟାଫ ବୁଲି ଦେଖିଲେ ଯାବତୀୟ ଅଭାବ ଅସୁବିଧା। ଗଞ୍ଜାମ ବ୍ଲକର ରତନୀ ପାହାଡ଼ ବାହାଡା ପଲ୍ଲୀ, ମିଞ୍ଜିନି ପାଟଣା ରମ୍ଭା, ନନ୍ଦିଘର, ବେଣା ପୋଖରୀ ଡିଆଁ ଡେଇଁ, ମଧୁର ଚୁଆ ଆଦି ଅଞ୍ଚଳ ପରିଦର୍ଶନ କରିଛନ୍ତି। ପାହାଡର ନିର୍ଗତ ବର୍ଷାପାଣିକୁ କିଭଳି ସଙ୍ରକ୍ଷଣ କରାଯାଇ ଅଞ୍ଚଳର ଚାଷୀଙ୍କ ହିତରେ ବ୍ୟବହୃତ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ଏହି ଇଲାକାରେ ଆଡି ବନ୍ଧ ମାଧ୍ୟମରେ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। କିଛିଦିନ ପୂର୍ବରୁ ଉପ-ମୁଖ୍ୟମନ୍ତ୍ରୀ କେ. ଭି ସିଂଦେବଙ୍କୁ ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଚାଷୀଙ୍କ ସମସ୍ୟା ବିଷୟରେ ଦାବିପତ୍ର ଦେଇ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏହିକ୍ରମରେ ଅଧିକାରୀମାନେ ପରିଦର୍ଶନ କରି ଅଞ୍ଚଳର ସମସ୍ୟା ସମାଧାନ ଦିଗରେ ଆଗେଇ ଆସିଥିବା ଜଣାପଡ଼ିଛି। ପରିଦର୍ଶନ ସମୟରେ ଜଳସେଚନ ବିଭାଗର ଏସଡିଓ ରାମକୃଷ୍ଣ ପଣ୍ଡା, ଆସିଷ୍ଟାଣ୍ଟ ଇଞ୍ଜିନିୟର ରଜନୀଗନ୍ଧା ଦାସ, ନୃସିଂହ ପାତ୍ର ଅଫିସ ଷ୍ଟାଫ ଅଶୋକ କୁମାର ମହଲ ଓ ଅନ୍ୟାନ୍ୟ ଅଫିସର ଆସି ସେଠିକାର ଚାଷୀଙ୍କୁ ଭେଟିଥିଲେ। ସିମାଞ୍ଚଳ ଦାସ, ପ୍ରତିମା ଦାସ, ଶ୍ରୀକାନ୍ତ ପାତ୍ର, ସମୀର ନାହାକ, ବସନ୍ତ ନାହାକ ଓ ଅନ୍ୟ ଚାଷୀ ଜଳସେଚନ ସମସ୍ୟା ବିଷୟରେ ଅବଗତ କରାଇଥିଲେ।

## ଆସିକାକୁ ରଷିକୁଲ୍ୟା ଜିଲ୍ଲା ଗଠନ ଦାବି

# ଓକିଲ ସଂଘ, କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର

ଆସିକା, ୧୦।୯ (ସମିସ)




ଆସିକାରେ ରଷିକୁଲ୍ୟା ଜିଲ୍ଲା ଗଠନ ଦାବି ନେଇ ଆନ୍ଦୋଳନ ପୁଣି ଆରମ୍ଭ ହୋଇଛି। ଜିଲ୍ଲାର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନୂତନ ରଷିକୂଲ୍ୟା ଜିଲ୍ଲା ଗଠନ ଓ ସଦର ମହକୁମା ଆସିକାଠାରେ ସ୍ଥାପନ ହେବା ନେଇ ୧୯୯୨ମସିହାରୁ ଦାବି ଲଗାତର ଭାବେ ହୋଇ ଆସିଥିଲେ ମଧ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାର ପ୍ରତିବାଦରେ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବୁଧବାର ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ଶୋଭାଯାତ୍ରା ଆସିକା ଅଞ୍ଚଳର ବିଭିନ୍ନ ସଂଗଠନର ଶତାଧିକ କର୍ମକର୍ତ୍ତା ଓ ସାଧାରଣ ଜନତା ଓ ମହିଳା ଏଥିରେ ଯୋଗ ଦେଇଥିଲେ। ହାଟପଦା ନିକଟସ୍ଥ ବିଚାର ବିଭାଗୀୟ ଅଦାଲତ କାର୍ଯ୍ୟାଳୟ ନିକଟରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ରଷିକୁଲ୍ୟା ଜିଲ୍ଲା ଗଠନ ଦାବି ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ପରେ ଭଞ୍ଜନଗର ଉପ-ଜିଲ୍ଲପାଳଙ୍କୁ ଉମାଶଙ୍କର ବେହେରାଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ରାଜ୍ୟ ସରକାର ତୁରନ୍ତ ଆସିକା ଅଞ୍ଚଳବାସୀଙ୍କ ଏହି ଦୀର୍ଘଦିନର ଦାବି ପୂରଣ କରିବାକୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ଆସିକା ଓକିଲ ସଂଘର ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଉପସଭାପତି ଛବିଳ ମିଶ୍ର, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ସରୋଜ ତ୍ରିପାଠୀ, ରବୀନ୍ଦ୍ର ନାଥ ଶର୍ମା, ସନ୍ତୋଷ ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ଅଜିତ ପଟ୍ଟନାୟକ, ପ୍ରଭାତ ପାଢ଼ୀ, ସଞ୍ଜୟ ପାତ୍ର, ଶିବ ପାତ୍ର, ସନ୍ତୋଷ କୁମାର ପାଣିଗ୍ରାହି, ବିଦେଶୀ ନାହାକ, ଦେବ କାନ୍ତ ଶର୍ମା, ସନ୍ତୋଷ ମିଶ୍ର, ମାନସ ଗୌଡ଼, ଶିବ ମହାନ୍ତି, ସୂର୍ଯ୍ୟ ପ୍ରକାଶ ରାଓ, ଶିକ୍ଷକ ମହାସଂଘ ର ଦେବହରି ମହାନ୍ତି, ଏମ୍. ତାରିଣୀ ସେନାପତି ବସ ମାଲିକ ସଂଘର ସନ୍ତୋଷ କୁମାର ପୋଲାଇ, ବଣିକ ସଂଘର ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ରକ୍ଷା ନେଇ ଥାନା ଅଧିକାରୀ କୁଳମଣି ସେଠୀଙ୍କ ସଂଯୋଜନାରେ ବ୍ୟାପକ ପୋଲିସ ମୁତୟନ ରହିଥିଲା।

● ବାଲିଗୁଡ଼ା ପୁଲିସକୁ ସଫଳତା

# ଗଞ୍ଜେଇ ଜବତ ବେଳେ ମିଳିଲା ୫ ଦେଶୀ ବନ୍ଧୁକ; ୨ ଗିରଫ

ବାଲିଗୁଡ଼ା,୧୦।୯ (ସମିସ): ଅପରେସନ ପ୍ରହାରରେ ବାଲିଗୁଡ଼ା ପୁଲିସକୁ ମିଳିଛି ବଡ଼ ସଫଳତା। ଚୋରା ଗଞ୍ଜେଇ ଜବତ କରିବାକୁ ଯାଇଥିବା ପୁଲିସ ୫ ଦେଶୀ ବନ୍ଧୁକ ଜବତ କରିବା ସହ ଦୁଇ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି। ଖାଲି ସେତିକି ନୁହେଁ ସେମାନଙ୍କ ନିକଟରୁ ଜବତ ହୋଇଛି ୧୨୭ କିଲୋ ଗଞ୍ଜେଇ ସମେତ ୫ ଦେଶୀ ବନ୍ଧୁକ। ଗିରଫ ଅଭିଯୁକ୍ତ ହେଲେ ତିଲୋରି ପଞ୍ଚାୟତ ଟକିମାହା ଗ୍ରାମର ବଳିଆ ପ୍ରଧାନ ଓ ଗୁଡ଼ା ଗ୍ରାମର ସୁଜନ ବିନ୍ଧାଣି। ଉଭୟ ନିଜ ନିଜ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଲାଣ ସହ ଦେଶୀ ବନ୍ଧୁକ ତିଆରି କରି ବିକ୍ରି କରି ଆସୁଥିଲେ ବୋଲି ବାଲିଗୁଡ଼ା ଏସଡ଼ିପିଓ ରମେନ୍ଦ୍ର ପ୍ରସାଦ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଟକିମାହା ଗ୍ରାମର ବଳିଆ ପ୍ରଧାନ ଦୁଇଟି ଦେଶୀ ବନ୍ଧୁକ ଧରି ନିଜ ଅଞ୍ଚଳରେ ବୁଲୁଥିବା ପୁଲିସକୁ ଖବର ମିଳିଥିଲା। ତୁରନ୍ତ ସେହି ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିବା ସହ ୨ଟି ବନ୍ଧୁକ ଜବତ କରି ତଦନ୍ତ କରିବା ବେଳେ ତାହା ବେଆଇନ୍ ବୋଲି ଜଣାପଡିଥିଲା। ସେହିପରି ଗୁଡ଼ା ଗ୍ରାମର ସୁଜନ ବିନ୍ଧାଣି ମଧ ଗୋଟିଏ ଦେଶୀ ବନ୍ଧୁକ ଧରି ୧୨୭ କିଲୋ ଗଞ୍ଜେଇ ଚାଲାଣ ପାଇଁ ଅପେକ୍ଷା କରିଥିଲା। ପୁଲିସ ଖବର ତାକୁ ମଧ ଗିରଫ କରିଥିଲା। ଉଭୟ ଅଭିଯୁକ୍ତଙ୍କ ଘରୁ ପୁଲିସ ୫ଟି ଦେଶୀ ବନ୍ଧୁକ ଓ ୪ଟି ବନ୍ଧୁକ ବଟ ଜବତ କରିଥିଲା। ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିବା ସହ ଏହି ଦେଶୀ ବନ୍ଧୁକ କାରବାରରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ଅଧିକ ତଦନ୍ତ ଜାରି ରହିଥିବା ବାଲିଗୁଡା ଏସ୍‌ଡ଼ିପିଓ ରମେନ୍ଦ୍ର ପ୍ରସାଦ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସମ୍ବିତ ସ୍ୱାଇଁ ଉପସ୍ଥିତ ରହିଥିଲେ।

## ଯୁବକଙ୍କୁ ଅପହରଣ ଉଦ୍ୟମ ପଣ୍ଡ

# ଗ୍ରାମବାସୀଙ୍କ ମେଳି ଦେଖି ଗାଡ଼ି ଛାଡ଼ି ୩ ଦୁର୍ବୃତ୍ତ ଛୁ'

ବ୍ରାହ୍ମଣୀଗାଁ,୧୦।୯ (ସମିସ)



ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ସହରଠାରୁ ପ୍ରାୟ ୧୬ କିମି ଦୂର ହାତୀମୁଣ୍ଡାରେ ଜଣେ ଯୁବକଙ୍କୁ ଅପହରଣ ଉଦ୍ୟମ ବେଳେ ଗ୍ରାମବାସୀ ପହଞ୍ଚି ଯିବାରୁ ବୋଲେରୋ ଗାଡ଼ି ଛାଡ଼ି ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। ପୁଲିସ ବୋଲେରୋ ଜବତ କରି ତଦନ୍ତ ଚଳାଇଛି।

ଗତକାଲି ରାତି ପ୍ରାୟ ସାଢେ ୮ରେ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗାଁ ଦିବ୍ୟ ଛକରେ ଜଣେ ଯୁବକ ମୋବାଇଲରେ କଥା ହେଉଥିବାବେଳେ ମେରାମାହା ଛକ ଦିଗରୁ ଗୋଟିଏ ବୋଲେରୋ ଆସି ତାଙ୍କ ନିକଟରେ ଅଟକିଥିଲା। ସେଥିରେ ଡ୍ରାଇଭର ସମେତ ୩ ଜଣ ଥିଲେ। ଜଣେ ବ୍ୟକ୍ତି ଯୁବକଙ୍କୁ କଥା ବନ୍ଦ କରିବାକୁ କହି ମାରଧର କରି ଗାଡ଼ି ଭିତରକୁ ଟାଣିଥିଲେ। ଯୁବକ ଜଣକ ପାଟି କରିବାରୁ ପାଖରେ ଥିବା ଅନ୍ୟଜଣେ ଯୁବକ ସହାୟତା ପାଇଁ ଆସିବାରୁ ତାଙ୍କୁ ମଧ ଗାଡ଼ି ଭିତରେ ଭର୍ତ୍ତି କରିବାକୁ ଦୁର୍ବୃତ୍ତ ଚେଷ୍ଟା କରିଥିଲେ। ଉଭୟଙ୍କ ଚିତ୍କାର ଶୁଣି ବହୁ ଗ୍ରାମବାସୀ ଗାଡ଼ି ନିକଟକୁ ଦୌଡ଼ି ଆସିବାରୁ ଦୁର୍ବୃତ୍ତ ସେମାନଙ୍କୁ ଛାଡ଼ି କସବସା ଦିଗରେ ଗାଡି ନେଇ ଚାଲିଯାଇଥିଲେ। ଫୋନ୍ ଯୋଗେ ଚାରି ଆଡ଼କୁ ଖବର ଦିଆଯାଇଥିଲା। କସବସା ଗ୍ରାମବାସୀ ମିଶି ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ଦ୍ରୁତ ଗତିରେ ହାତୀମୁଣ୍ଡା ଦିଗରେ ପଳାଇଥିଲା। ହାତୀମୁଣ୍ଡା ଗ୍ରାମବାସୀ ଗାଡ଼ିକୁ ଅଟକାଇବାକୁ ଉଦ୍ୟମ କରିଥିବାବେଳେ ଚାଳକ ପୁଣି ବ୍ୟାକ୍ କରି କସବସା ଦେଇ ତାମାଙ୍ଗି ଅଭିମୁଖେ ଯିବାକୁ ଚେଷ୍ଟା କରୁଥିଲା। କିନ୍ତୁ ଅଧିକ ଲୋକଙ୍କୁ ଦେଖି ଭୟରେ ଚାଳକ ପୁଣି ଥରେ ହାତୀମୁଣ୍ଡା ଅଭିମୁଖେ ଦ୍ରୁତଗତିରେ ଗାଡ଼ି ନେଇ ପୁରୁଣା ପଞ୍ଚାୟତ ନିକଟରେ ଛାଡ଼ି ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ଇତି ମଧ୍ୟରେ ଉତ୍ତ୍ୟକ୍ତ ଜନତା ଗାଡ଼ି ଭଙ୍ଗାରୁଜା କରିଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ ଓ ଟ୍ରାକ୍ଟର ଯୋଗେ ଗାଡ଼ିକୁ ବ୍ରାହ୍ମଣୀଗାଁ ଥାନାକୁ ନେଇ ଆସିଥିଲେ। ପୁଲିସ ତରଫରୁ ତଦନ୍ତ ଜାରି ରହିଛି। ଏହି ଘଟଣା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

# ସାର ଅଭାବ ଓ କଳାବଜାରକୁ ନେଇ ଦାବିପତ୍ର

ପାରଳାଖେମୁଣ୍ଡି,୧୦।୯ (ସମିସ): ସିପିଆଇଏମ୍ ଗଜପତି ଜିଲ୍ଲା କମିଟି ପକ୍ଷରୁ ସାର ଅଭାବ ଓ କଳାବଜାରୀକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୋଷାଣି, କାଶୀନଗର, ମୋହନା ବ୍ଲକରେ ଧାନତଳି ରୁଆ ପରେ ସାରର ଅଭାବ ଦେଖାଦେଇଛି। ସୋସାଇଟି ମାନଙ୍କରେ ଚାଷୀ ସାର ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହୋଇ ଖାଲି ହାତରେ ଫେରୁଛନ୍ତି। ସାର ମିଳୁ ନଥିବାରୁ ବାଧ ହୋଇ ବାହାରୁ ଚଢ଼ା ଦରରେ କିଣୁଛନ୍ତି। ଚାଷୀ ଯେପରି ସୋସାଇଟିରୁ ପର୍ଯ୍ୟାପ୍ତ ପରିମାଣରେ ସାର ପାଇବେ ଏବଂ କଳାବଜାରୀ ରୋକିବାକୁ ଦାବି ହେଉଛି।

# ଗୋଷାଣି ବ୍ଲକ୍‌ରେ ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା



ଗୋଷାଣି,୧୦।୯ (ସମିସ): ଗୋଷାଣି ବ୍ଲକ୍ ସଦରମହକୁମାରେ ଆଦି କର୍ମଯୋଗୀ ଅଭିଯାନର ତିନି ଦିନିଆ କର୍ମଶାଳା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଛି। ଏଥିରେ ବ୍ଲକର ୬ ଗ୍ରାମକୁ ସାମିଲ କରାଯାଇଛି। କର୍ମଶାଳାର ପ୍ରଥମ ଦିନରେ ଅଧ୍ୟକ୍ଷତା କରି ବିଡିଓ ଶ୍ରୀ ପଟ୍ଟନାୟକ ଅଭିଯାନର ଉଦ୍ଦେଶ୍ୟ ହେଉଛି ଜନଜାତୀୟ ଅଞ୍ଚଳରେ ସରକାରୀ ସେବା, ଯୋଜନା ଏବଂ ସୁବିଧା ଗୁଡ଼ିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ବୋଲି କହିଥିଲେ। କର୍ମଶାଳାରେ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ମାଷ୍ଟର ଟ୍ରେନର ଭାବେ ପଞ୍ଚାୟତରୁ ପିଇଓ ଏବଂ ଏଡ଼ିଇଓ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ବରିଷ୍ଠ ଜନପ୍ରତିନିଧିଙ୍କ ସ୍ମୃତିସଭା



କାଶୀନଗର,୧୦।୯ (ସମିସ): କାଶୀନଗର ବ୍ଲକ ଶିଆଳି ପଞ୍ଚାୟତ ଗାରିଆଗୁଡ଼ା ଗ୍ରାମର ବରିଷ୍ଠ ଜନପ୍ରତିନିଧି ରାମଚନ୍ଦ୍ର ଗନ୍ତାୟତ(ବାରିକ ବାବୁ)ଙ୍କ ଅଗଷ୍ଟ ୨୯ରେ ପରଲୋକ ଘଟିଥିଲା। ତାଙ୍କ ସ୍ମୃତିରେ ମଙ୍ଗଳବାର ଉକ୍ତ ଗ୍ରାମରେ ଏକ ଶୋକସଭା ହୋଇଥିଲା। ବରିଷ୍ଠ ନେତା ଆର.ରାମପ୍ରସାଦ(ଜ୍ୟୋତି), ଶିଆଳି ସରପଞ୍ଚ ରାମପ୍ରସାଦ ପଟ୍ଟାୟକ, ବିଜେପି ମଣ୍ଡଳ ସଭାପତି ଅମିତାଭ ଗନ୍ତାୟତ, ଉମା ଶଙ୍କର ଗନ୍ତାୟତ ଓ ସ୍ଥାନୀୟ ବହୁ ରାଜନେତା ଉପସ୍ଥିତ ରହି ସର୍ଗତ ରାମଚନ୍ଦ୍ରଙ୍କ ଆତ୍ମାର ସଦଗତି କାମନା କରିଥିଲେ। ସେ ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସରପଞ୍ଚ ହୋଇଥିଲେ। ପରେ ସାଂସଦ ପ୍ରତିନିଧି, ବିଜେପି ମଣ୍ଡଳ ସଭାପତି ଓ ସୋସାଇଟି ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ।

# ଟିକରବାଜୁକୁ ନୂତନ ପଞ୍ଚାୟତ ଗଠନ ଦାବିରେ ସ୍ମାରକପତ୍ର



ବାଲିଗୁଡା,୧୦।୯ (ସମିସ): ବାଲିଗୁଡ଼ା ବ୍ଲକ୍ ସୁଦ୍ରା ପଞ୍ଚାୟତର କିଛି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୧୮ ରୁ ୨୦ କିମି ଦୂରରେ ଥିବା ବେଳେ ଦୁର୍ଗମ ଓ ଅପହଞ୍ଚ। ଏଥିସହ ମାଓ ପ୍ରବଣ ଅଞ୍ଚଳ। ଏହି ଅଞ୍ଚଳରେ ପାଖାପାଖି ଚାରି ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ୧୩ ଛୋଟ ବଡ଼ ଗାଁର ଜନସାଧାରଣ ମାସିକ ଖାଉଟି ସାମଗ୍ରୀ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ବଡ଼ ପଞ୍ଚାୟତ ଗୁଡ଼ିକରୁ ବିଭକ୍ତ କରି ନୂତନ ପଞ୍ଚାୟତ ଗଠନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ରହିଥିବା ସ୍ଥଳେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସୁଦ୍ରା ପଞ୍ଚାୟତ ରାଜସ୍ୱ ସ୍ଥିତି ନେଇ ଟିକେରବାଜୁ ଗାଁକୁ ଏକ ନୂତନ ପଞ୍ଚାୟତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ତ୍ତମାନ ସୁଦ୍ରା ପଞ୍ଚାୟତ ମଧ୍ୟରୁ ଅନ୍ୟ ଏକ ନୂତନ ପଞ୍ଚାୟତ ଗଠନ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଟିକରବାଜୁ ପଞ୍ଚାୟତ ଗଠନ ହେଲେ ଟିକଇବାଜୁ ସମେତ, ପଲାମି, ସମାଙ୍ଗା, ଡାକଡାମ୍ବା, କୁଟାମି, କୁନାସଲୁ, ପାଟାମାସ୍କା, ଆମ୍ବାବାଡ଼ି, ଉସୁରୀକୁପା ସିଂଜାମ, ମାଦୁରସୁଗା, ତିଲାକପଡା ତୁପୁଡି, ଗଇଣ୍ଡ, ଡେକୁଲଦା ଓ ବତାଡ଼ି ଜନ ସାଧାରଣଙ୍କ ସରକାରଙ୍କ ସମସ୍ତ ଜନ ହିତକାରୀ ଯୋଜନାରେ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ଜିବୁଲୁ ଦିଗାଲଙ୍କ ନେତୃତ୍ୱରେ , ସଂଗ୍ରାମ ମଲିକ, ଇନ୍ଦ୍ର ମଲିକ, ଗଞ୍ଜେଶ୍ୱର ମଲିକ, ଲୁଡେଶ୍ୱର ଦିଗାଲ ଓ ବାଲିଗୁଡ଼ା ବ୍ଲକ୍‌ର ଆଦିବାସୀ ଯୁବ ନେତା ପାର୍ଥିବ କହଁର ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ଉପସ୍ଥିତିରେ ବାଲିଗୁଡ଼ା ବିଡିଓ ଅକ୍ଷୟ ମଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଚାଷୀଙ୍କ ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା



ପାରଳାଖେମୁଣ୍ଡି,୧୦।୯ (ସମିସ): ଗଜପତି ଜିଲ୍ଲାରେ ଚାଷୀ ଓ ଚାଷର ବିଭିନ୍ନ ସମସ୍ୟା ନେଇ ଆଜି ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀଙ୍କୁ ଭେଟି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ନେତୃତ୍ୱମଣ୍ଡଳୀ ଆଲୋଚନା କରିଛନ୍ତି। ଗଜପତି ଜିଲ୍ଲାରେ ସାର କଳାବଜାରୀ ରୋକିବା, କପା ସ୍ଥାୟୀ ମଣ୍ଡି ସ୍ଥାପନ, ସମସ୍ତ ବ୍ଲକରେ ଶୀତଳଭଣ୍ଡାର, ସମସ୍ତ ଜମିକୁ ଜଳସେଚନ ସୁବିଧା, କୃଷି ପ୍ରକ୍ରିୟାକରଣ ଶିଳ୍ପ ଓ ବୟନ ଶିଳ୍ପକୁ ବ୍ୟାପକ କରିବା ଆଦି ଦାବି କରିଛନ୍ତି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ। ବିଧାନସଭାରେ ବିଧାୟକମାନେ ଚାଷୀଙ୍କ ସମସ୍ୟା ଦୂର କରିବାରେ ସହାୟକ ନହୋଇ ନିଜର ଦାବି ଓ ଅଧିକାର ପ୍ରତି ଅଧିକ ସଚେତନ ହେଉଛନ୍ତି ବୋଲି ଏନେଇ ଗଜପତି ପ୍ରଭାରୀ ରଣଜିତ୍ ପଟ୍ଟନାୟକ ଅଭିଯୋଗ କରିଥିଲେ। ଆଗକୁ ଚାଷ ଓ ଚାଷୀଙ୍କ ରକ୍ଷା ପାଇଁ ନବନିର୍ମାଣ କୃଷକ ସଂଗଠନ ବଡ଼ ଲଢେଇ କରିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଆଜିର ଆଲୋଚନାବେଳେ ପ୍ରଭାତ ମାହାଳିକ, ଦଣ୍ଡାସି ଖଣ୍ଡୁଆଳ ଓ ଦାମ ରାଓ ଉପସ୍ଥିତ ଥିଲେ।

# ଶିଶୁଙ୍କ ସୁରକ୍ଷା, ଅଧିକାର ଓ ପୋକ୍‌ସୋ ଆଇନ ସଚେତନତା

ପାରଳାଖେମୁଣ୍ଡି,୧୦।୯ (ସମିସ)




ସମାଜରେ ଦିନକୁ ଦିନ ଶିଶୁଙ୍କ ପ୍ରତି ବୃଦ୍ଧି ପାଉଥିବା ଯୌନ ଅପରାଧ ଉପରେ କିପରି ରୋକ ଲଗାଯାଇପାରିବ ତଥା କିପରି ଶିଶୁଙ୍କୁ ନିଜ ଅଧିକାର ବିଷୟରେ ସଚେତନ କରାଯାଇପାରିବ ସେ ନେଇ ବୁଧବାର ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯୌନ ସଚେତନତା ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ପୋକ୍ସ ଆଇନରେ ପୀଡ଼ିତଙ୍କ ନିମନ୍ତେ ରହିଥିବା ଭରଣ ପୋଷଣ ବ୍ୟବସ୍ଥା ଓ ୨୦୧୮ ମସିହାରେ ଜାତୀୟ ଆଇନ ପ୍ରାଧିକରଣଙ୍କ ଦ୍ୱାରା ପ୍ରସ୍ତୁତ ଆଇନ ବିଷୟରେ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କୁ ସଚେତନ କରାଯାଇଥିଲା। ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳଙ୍କ ଅଧକ୍ଷତାରେ ଆୟୋଜିତ ସଚେତନ ସଭାରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ନିୟମକାନୁନ ଓ ଆଇନ ସଚେତନତାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରରେ ଗଜପତି ଜିଲ୍ଲାର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ପ୍ରସକ୍ୟୁସନ ବିଭାଗର ସହାୟକ ନିର୍ଦ୍ଦେଶକ ଡ଼ି. ଅନୁପରାଜ ଆଚାରୀ, ବରିଷ୍ଠ ଆଇନଜୀବୀ ଆର୍. ବାବୁ ରାଓ, ଜି. ଚିଟିବାବୁ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆଇନ ତଥା ଆଜିର ଦୁନିଆରେ ଥିବା ପ୍ରାସଙ୍ଗିକତା ବିଷୟରେ ଅବଗତ କରାଇବା ସହ ଅଧିକାର ବିଷୟରେ ସଚେତନ ହୋଇ ସମାଜକୁ ସୁରକ୍ଷିତ କରିବାକୁ ବକ୍ତବ୍ୟ ରଖିଥିଲେ।

# 'ଏକ୍ ପେଡ୍ ମା କେ ନାମ୍'ରେ ଚାରାବଣ୍ଟନ



ଚକାପାଦ,୧୦।୯ (ସମିସ): ଟିକାବାଲି ବନାଞ୍ଚଳର ଚକାପାଦ ବ୍ଲକ ଶଙ୍କରାଖୋଲରେ ଥିବା ଫରେଷ୍ଟ ବିଟ ଅଫିସ ତରଫରୁ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ପାଇଁ ଭ୍ରାମ୍ୟମାଣ ଚାରା ବିତରଣ ଯାନ ଆରମ୍ଭ ହୋଇଛି। ଏହାକୁ ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ,ବନପାଳ କମଳକାନ୍ତ ପ୍ରଧାନ, ବନରକ୍ଷୀ ଏ ସନ୍ତୋଷ କୁମାର , ପାରା ଫରେଷ୍ଟ କର୍ମଚାରୀ ବାବଲା କହଁର, ସୁଶାନ୍ତ ମଲ୍ଲିକ, ଲଳିତ ମଲ୍ଲିକ ଉପସ୍ଥିତ ଥିଲେ। ଚକାପାଦ ବ୍ଲକର ପ୍ରତି ପଞ୍ଚାୟତକୁ ୫୦୦ ଲେଖାଏଁ ପଣସ, କାଜୁ, ଅଁଳା, ଜାମୁକୋଳି ଗଛ ପ୍ରଦାନ କରାଯାଇଛି।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଦର୍ଶିତା ପଟ୍ଟନାୟକ

ପାରଳାଖେମୁଣ୍ଡି,୧୦।୯ (ସମିସ): ଗୋଷାଣି ବ୍ଲକ କଣ୍ଟ୍ରାଗଡ ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷିକା ଦର୍ଶିତା ପଟ୍ଟନାୟକଙ୍କୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ତାଙ୍କୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା, ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠି, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ା. ମାୟାଧର ସାହୁ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ. ଗିରିଧରଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୮ ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ

ପାରଳାଖେମୁଣ୍ଡି,୧୦।୯ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ କେରେଡ଼ାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରୀ ଜିଲ୍ଲାର ନିମାପଡ଼ାସ୍ଥିତ ମେଟ୍ ଗ୍ରୁପ ପକ୍ଷରୁ ଗ୍ରାମୀଣ ଅଞ୍ଚଳର ଶିକ୍ଷାର୍ଥୀଙ୍କୁ ଆଧୁନିକ ଜ୍ଞାନକୌଶଳରେ ସଶକ୍ତ କରିବାର ଲକ୍ଷ୍ୟ ନେଇ ଅଞ୍ଚଳର ୮ ସରକାରୀ ଉଚ୍ଚ ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା, ସହକାରୀ ଖଣି ଅଧିକାରୀ ଚିଣ୍ଟୁ ଦେହୁରୀ, ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ, ନୂଆଗଡ଼ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲିଙ୍ଗରାଜ କାର୍ଯୀ ଯୋଗ ଦେଇଥିଲେ। ସମ୍ପୃକ୍ତ ବିଦ୍ୟାଳୟ ଗୁଡ଼ିକର ପ୍ରଧାନଶିକ୍ଷକଙ୍କୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତରେ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା। ନିମାପଡ଼ା ମେଟ୍ ଗ୍ରୁପ୍‌ର ଏହି ପଦକ୍ଷେପ ଗ୍ରାମୀଣ ଶିକ୍ଷାର୍ଥୀଙ୍କୁ ଡିଜିଟାଲ ସାକ୍ଷରତାରେ ଦକ୍ଷତା ଅର୍ଜନ କରାଇବା ସହ ସେମାନଙ୍କ ଶୈକ୍ଷିକ କୌଶଳକୁ ଉନ୍ନୀତ କରିବାରେ ଏକ ମହତ୍ତ୍ୱ ପ୍ରୟାସ ରୂପେ ପରିଗଣିତ ହୋଇଛି।




# ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୧୦।୯ (ସମିସ): ଜି.ଉଦୟଗିରି ବରାଳିନୀ ମାର୍କେଟରେ ଅନୁଷ୍ଠିତ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମା' ବରଳିନୀଙ୍କ ଆଖଡ଼ାଗୃହରେ ଅନୁଷ୍ଠିତ ବୈଠକରେ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ କୃଷ୍ଣାନନ୍ଦ ତ୍ରିପାଠୀ, ଉପସଭାପତି ବଳରାମ ଡାକୁଆ, ଶାନ୍ତନୁ କୁମାର ସାହୁ, ସମ୍ପାଦକ ଆକାଶ ଚନ୍ଦ୍ର ନାୟକ, ସହ ସମ୍ପାଦକ ଭାବେ ଚନ୍ଦ୍ର ଶେଖର ପାଢ଼ୀ, ଅମିତ ପାତ୍ର, କୋଷାଧ୍ୟକ୍ଷ ଶେଖର ପରିଛା, କାର୍ଯ୍ୟକାରିଣୀ ସଭ୍ୟ ଅରୁଣ କୁମାର ଷଡ଼ଙ୍ଗୀ, ଶିବରାମ ପାତ୍ର, ନୀଳମାଧବ ପତି, ମଳୟ କୁମାର ମହାନ୍ତି, ମନୋଜ କୁମାର ପଣ୍ଡା, ସୁକାନ୍ତ କୁମାର ପାଣିଗ୍ରାହୀ, ବାଲାଜୀ ପାତ୍ର, ରାଜେଶ କୁମାର ପାତ୍ର ଓ ବି.ମନୋଜ କୁମାର ପାତ୍ର ମନୋନୀତ ହୋଇଛନ୍ତି। ବହୁ ପୁରାତନ ଏହି ପୂଜା ମଣ୍ଡପ ତରଫରୁ ଆୟୋଜିତ ପୂଜା ପାଇଁ ଚଳିତ ମାସ୧୯ରେ ଶୁଭଖୁଣ୍ଟି ସ୍ଥାପନ କରାଯିବ।

## ଲଗାଣ ବର୍ଷାରେ ପୋଖରୀ ହୁଡ଼ା ଭାଙ୍ଗି ଜମିକୁ ପାଣି ମାଡ଼ିବା ଘଟଣା

# ଦୁଇଶହ ଚାଷୀଙ୍କ ୩ଶହ ଏକର ଜମି ଜଳମଗ୍ନ

କାଶୀନଗର,୧୦।୯ (ସମିସ)



କ୍ଷତିପୂରଣ ଦାବି

ଲଗାଣ ବର୍ଷାରେ ଗଜପତି ଜିଲ୍ଲା କାଶୀନଗର ତହସିଲ ଅନ୍ତର୍ଗତ ଗାଲିବାଡ଼ି ଯୁରି ପୋଖରୀ ନିକଟରେ ଥିବା ୩ଶହ ଏକର ଚାଷଜମି ଜଳମଗ୍ନ ହୋଇଛି। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ ଗତ ଅଗଷ୍ଟ ୧୮ ଓ ୧୯ରେ ହୋଇଥିବା ବର୍ଷାରେ ଗାଲିବାଡି ଯୁରି ପୋଖରୀରେ ପାଣି ଭର୍ତ୍ତି ହୋଇ ହିଡ଼ ଭାଙ୍ଗି ଯାଇଥିଲା। ଫଳରେ ନିକଟସ୍ଥ ୩ଶହ ଏକର ଚାଷ ଜମିରେ ମାଡ଼ି ଯାଇଥିଲା। କାଶୀନଗର ସହର, ଇଦୁଡି ଓ ବି ଲକ୍ଷ୍ମୀପୁର ଗ୍ରାମର ୨୦୦ ଚାଷୀ ଏବେ ଅସହାୟ ହୋଇପଡିଛନ୍ତି। ଚଳିତ ବର୍ଷ ଅଦିନିଆ ବର୍ଷାରେ ୨ ଥର ଫସଲ ନଷ୍ଟ ହୋଇଥିବା ସେମାନେ କହିଛନ୍ତି। ବୁଧବାର ଚାଷୀଙ୍କ ଦୁଃଖ ବୁଝିବାକୁ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଛନ୍ତି କାଶୀନଗର ଏନ୍‌ଏସି ଉପାଧକ୍ଷ ରଘୁରାମ ସାହୁ। ସେ ଏନେଇ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପ୍ରଶାସନଙ୍କୁ ଜଣାଇବେ ବୋଲି କହିଛନ୍ତି। ହିଡ ଭାଙ୍ଗିଯାଇଥିବା ଯୋଗୁ ଆଗାମୀ ଦିନରେ ପୋଖରୀ ପାଣି ସବୁ ଖାଲିହୋଇଯିବ। ଚାଷଜମିକୁ ପାଣିର ଅଭାବ ପଡିବ। ତୁରନ୍ତ ହୁଡ଼ା ନିର୍ମାଣ ସହ ନଷ୍ଟ ହୋଇଥିବା ଚାଷ ଜମିର ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।

## ଆଶ୍ରମ ବିଦ୍ୟାଳୟରେ ର୍ୟାଗିଂ

# ଚୋରି ଅଭିଯୋଗରେ ନବମ ଶ୍ରେଣୀ ଛାତ୍ରଙ୍କୁ ମାଡ଼

ଫୁଲବାଣୀ,୧୦।୯ (ସମିସ): ସଦର ବ୍ଲକ ବଇଡାରେ ଥିବା ଦିନାରସିଂ ସ୍ମୃତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ର୍ୟାଗିଂ ଅଭିଯୋଗ ହୋଇଛି। ସାବୁନ ଚୋରିଅଭିଯୋଗ ଲଗାଇ ବିଦ୍ୟାଳୟର ୬ ରୁ ୭ ଜଣ ଛାତ୍ର ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିଥିବା ଜଣାପଡିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣା ଜାଣିଥିଲେ ସୁଦ୍ଧା ବହୁ ବିଳମ୍ବରେ ଛାତ୍ରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି। ଘଟଣାକୁ ଚପାଇ ଦେବାକୁ ସମ୍ପୃକ୍ତ ଆହତ ଛାତ୍ରଙ୍କୁ ଡାକ୍ତରଖାନାରୁ ସିଧା ଘରକୁ ପଠାଇ ଦେଇଛନ୍ତି।

ସୂଚନା ଅନୁଯାୟୀ, ଜିଲ୍ଲା ମଙ୍ଗଳ ବିଭାଗ ଅଧିନରେ ଥିବା ବଇଡା ଦିନାର ସିଂ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଯୁକ୍ତ ଦୁଇ ଯାଏ ଶ୍ରେଣୀ ରହିଛି। ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ରହିଛି। ସୋମବାର ରାତି ପ୍ରାୟ ୧୦ ଟା ବେଳେ ଜନୈକ ନବମ ଶ୍ରେଣୀ ଛାତ୍ର ଖାଇ ସାରି ଶୋଇବାକୁ ଯାଇଥିଲେ। ଏହି ସମୟରେ ୬ / ୭ ଜଣ ଛାତ୍ର ତାଙ୍କୁ ଗାଳି ଗୁଲଜ କରିବା ସହ ସାବୁନ ଏବଂ ଟଙ୍କା ଚୋରି କରିଥିବା କହି ମାରପିଟ କରିଥିଲେ। ପ୍ରାୟ ଘଣ୍ଟାଏ ଧରି ଏଭଳି ଚାଲିଥିଲା। ଜଣେ ଶିକ୍ଷକ କୌଣସି ସୂତ୍ରରୁ ଖବର ପାଇ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କୁ ଜଣାଇବା ପରେ ସେ ଆସି ପିଲାଙ୍କୁ ବୁଝାସୁଝା କରିବା ସହିତ ମାଡ ଖାଇଥିବା ଛାତ୍ରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ଆହତ ଛାତ୍ରଙ୍କୁ ଡାକ୍ତରଖାନାକୁ ନେଇ ନ ଥିଲେ। ମଙ୍ଗଳବାର ସକାଳେ ଛାତ୍ରଙ୍କୁ ଗୁମାଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାକୁ ଘରକୁ ପଠାଇ ଦେଇଥିଲେ। ଏ ନେଇ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ତଥା ପ୍ରଧାନଶିକ୍ଷକ ଜୟଲାଲ ନାୟକଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରି କହିଛନ୍ତି, ଚୋରି ଅଭିଯୋଗ ନେଇ ଛାତ୍ରଙ୍କୁ ମାଡ଼ ମରାଯାଇଛି। ସୋମବାର ରାତିରେ ଏହି ଘଟଣା ଘଟିଛି। ସାବୁନ ଏବଂ ଟଙ୍କା ଚୋରିକୁ ନେଇ ଏହା ହୋଇଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଶୁକ୍ରବାର ମାଡ଼ ମାରିଥିବା ଛାତ୍ରଙ୍କ ଅଭିଭାବକଙ୍କୁ ବିଦ୍ୟାଳୟକୁ ଆସିବାକୁ କୁହାଯାଇଛି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର କହିଛନ୍ତି।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ



ଫୁଲବାଣୀ,୧୦।୯ (ସମିସ): ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ଦିବ୍ୟାଙ୍ଗ ସାଧନ କେନ୍ଦ୍ର ପରିସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ଯୋଗାଣ ନିମନ୍ତେ ବ୍ଲକସ୍ତରୀୟ ଚିହ୍ନଟୀକରଣ ଏବଂ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୦୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଡ଼ାକ୍ତରୀ ପରୀକ୍ଷା ସହ ୨୯ ଜଣଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିରୁପମା ଦୋରା ଏବଂ ମାନସ ରଂଜନ ଦାସ , ଅନ୍ତର୍ନିବେଶ ଶିକ୍ଷା ସଂଯୋଜକ ସମର ରଂଜନ ବେହେରା , ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କହଁର, ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର କହଁର ଉପସ୍ଥିତ ରହି ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରଶ୍ମିତା ନାୟକ ପରିଚାଳନା କରିଥିବା ବେଳେ ନିହାର ରଂଜନ ଦାସ , ମିହିର କୁମାର ତ୍ରିପାଠୀଙ୍କ ସମେତ ସିଆରସିସି ରାଜ କିଶୋର ପ୍ରଧାନ , ଅରୁଣ ଦେଓ ଏବଂ ସତ୍ୟଜିତ୍ ବେହେରା ଓ ସ୍ୱେଚ୍ଛାସେବୀ ରମାକାନ୍ତ ଦିଗାଲ ଓ ମନୋଜ ପ୍ରଧାନ ସହଯୋଗ କରିଥିଲେ।

## ବସ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ହୁମ୍ମା,୧୦।୯ (ସମିସ): ରମ୍ଭା ଥାନା କୁମୁଣ୍ଡ-ବଡ଼ରାମପଲ୍ଲୀ ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ୍ ଓ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ବାଇକ୍ ଚାଳକ କୁମୁଣ୍ଡ ଗ୍ରାମର ଭଗବାନ ବେହେରା ଗୁରୁତର ହୋଇଛନ୍ତି। ଭଗବାନ ବାଇକ୍ ଯୋଗେ ତାଙ୍କ ଗାଁ ବଡ଼ରାମପଲ୍ଲୀକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ମୁଖ୍ୟମନ୍ତ୍ରୀ ବସ୍ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଭଗବାନଙ୍କ ପୁଅ ଉତ୍ତମ ରମ୍ଭା ଥାନାରେ ଅଭିଯୋଗ କରିଛନ୍ତି। ଏଏସଆଇ ପ୍ରଭାତ କୁମାର ବାଲିକାନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

## ଜିଲ୍ଲା ନୋଡାଲ ସଚିବଙ୍କ ସମୀକ୍ଷା ବୈଠକ

ପାରଳାଖେମୁଣ୍ଡି,୧୦।୯ (ସମିସ): ଗଜପତି ଜିଲ୍ଲା ନୋଡାଲ ସଚିବ ତଥା ଭୁବନେଶ୍ୱର ମହାନଗରନିଗମର ଉପାଧକ୍ଷ ଡ଼.ଏନ ତିରୁମାଲା ନାୟକ ଦୁଇ ଦିନିଆ ଗଜପତି ଜିଲ୍ଲା ଗସ୍ତରେ ଆସିଥିଲେ। ବୁଧବାର ଗସ୍ତର ଦ୍ୱିତୀୟ ଦିନରେ କାଶୀନଗର ବ୍ଲକ୍ ଅନ୍ତର୍ଗତ ଅଲଡ଼ା ପଞ୍ଚାୟତର ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ତଦାରଖ ଓ ହିତାଧିକାରୀଙ୍କ ସହିତ



ଆଲୋଚନା କରିଥିଲେ। ପରେ ଖାଣ୍ଡବା ପଞ୍ଚାୟତ ଅନ୍ତର୍ଗତ ପାଲସିଂରେ ମେଗା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ବୁଲି ଦେଖିବା ସହିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପାରଳାଖେମୁଣ୍ଡି ପୌରପରିଷଦର ନୂତନ ବସଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ନିକଟସ୍ଥ ଅମୃତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସଙ୍କୁରୀ ବନ୍ଧ ପରିଦର୍ଶନ କରିଥିଲେ। ଜିଲ୍ଲା ସଦରମହକୁମା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଡ଼.ନାୟକଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିକାଶମୂଳକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନା ତଥା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ପାଇପ୍ ଜଳ ଯୋଗାଣ ଯୋଜନା ଓ ପରିମଳ, ସେତୁବନ୍ଧ ଯୋଜନା, ପଞ୍ଚଶାଖା ଶିକ୍ଷା ସେତୁ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଖାଦ୍ୟ ଯୋଗଣ ବିଭାଗ, ମଧୁବାବୁ ପେନସନ ଯୋଜନା ସମେତ ବିଭିନ୍ନ ଯୋଜନା ବିଷୟରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ମଧୁମିତା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ଉପସ୍ଥିତ ଥିଲେ।

## କୈରାଶିରେ ପୁଣି ସାପ କାମୁଡ଼ାରେ ଯୁବକ ମୃତ

ଖଲ୍ଲିକୋଟ,୧୦।୯ (ସମିସ): ସୋମବାର ରାତିରୁ ଖଲ୍ଲିକୋଟ ଅଞ୍ଚଳରେ ସାପ ଆତଙ୍କ ଜାରି ରହିଛି। ଆଜି ପୁଣି କୈରାଶି ଗ୍ରାମରେ ଏକ ସାପ କାମୁଡାରେ ଜଣେ ୨୦ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ସୋମବାର ରାତିରେ ବାଣିଆ ବାଉଁସୀଆ ଗ୍ରାମରେ ସାପ କାମୁଡ଼ାରେ ଆଇ ରଜନୀ ଦାସଙ୍କ ମୃତ୍ୟୁ ଘଟିଥିବା ବେଳେ ନାତୁଣୀର ଅବସ୍ଥା ସଂକଟାପନ୍ନ ରହିଛି। ସେହି ସୋମବାର ରାତିରେ ଖଲ୍ଲିକୋଟ ମେଡିକାଲ ପରିସରରେ ଥିବା ପଦ୍ମନାଭ ରାଓଙ୍କ କ୍ୱାର୍ଟରରେ ଏକ ବିରାଟ ଅଜଗର ସାପ ପଶି ଯାଇଥିଲା। ଆଜି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କୈରାଶି ଆନନ୍ଦ ବଜାର ସାହି ବାସିନ୍ଦା ଉତ୍ତମ ନାହାକ (୨୦) ନିଜ ଘରେ ଅଳିଆ ଆବର୍ଜନା ସଫା କରୁଥିଲେ। ମଧ୍ୟାହ୍ନରେ ସେ ଘରେ ଥିବା ଚାଉଳ ବସ୍ତା ସବୁ ଘୁଞ୍ଚାଉଥିବା ବେଳେ ହଠାତ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ଉତ୍ତମଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୨୪/୨୦୨୫ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଖବର ପାଇ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ମେଡିକାଲରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ଆଇନଜୀବୀଙ୍କ ବିୟୋଗରେ ଖଲ୍ଲିକୋଟ ବାର୍ ପକ୍ଷରୁ ଶୋକସଭା

ଖଲ୍ଲିକୋଟ,୧୦।୯ (ସମିସ): ଖଲ୍ଲିକୋଟ ବାର୍ ପରିସରରେ ଆଜି ଯୁବ ଆଇନଜୀବୀ ରବୀନ୍ଦ୍ର ସାହୁଙ୍କ ଦେହାନ୍ତରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘ ସଭାପତି ଚକ୍ରପାଣି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ରଥ, ସୀମାଞ୍ଚଳ ବେହେରା, ମେଘନାଦ ଦଳେଇ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ଜ୍ୟୋତିଷ ନନ୍ଦ, ସୁଧାଂଶୁ ଶେଖର ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ନିଖିଳ କୁମାର ପଟ୍ଟନାୟକ, ସମରଜିତ୍ ଦାଶଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ନୂଆ ମୌସାନପୁର ସ୍କୁଲରେ ପୋଷାକ ବିତରଣ

ଚିକିଟି,୧୦।୯ (ସମିସ): କଳବାଡ କ୍ଲଷ୍ଟର ଅନ୍ତର୍ଗତ ନୂଆ ମୌସାନପୁର ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏବିଇଓ ମେଘନାଦ ବେହେରା, ସିଆରସିସି ସୁଜିତ କୁମାର ପାଢ଼ୀ, ପରିଚାଳନା କମିଟି ସଭାପତି ଉମାକାନ୍ତ ପାଣିଗ୍ରାହୀ ଓ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୋଟ ୪୯ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇହଳ ଲେଖାଏଁ ପୋଷାକ ବଣ୍ଟନ କରିଥିଲେ।

## ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୧୦।୯ (ସମିସ): ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଦେବୀଙ୍କ ସପ୍ତମୀ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପିତ ହୋଇଛି। ପୂଜା କମିଟିର ସଦସ୍ୟଗଣଙ୍କ ସମେତ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା, ଅଟୋ ଯୋଗେ ୟୁନିଅନ ଓ କୁଲି ସଂଘର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ପୁରୋହିତ ମନୋଜ କୁମାର ଦାଶ ଓ ପ୍ରଦୀପ କୁମାର ଦାଶ ଦାଶ ଯୋଗ ଦେଇ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କୈଳାସ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟି ସଭାପତି ପବିତ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଉପଦେଷ୍ଟା ଅନିଲ ପଟ୍ଟନାୟକ, ଉପସଭାପତି ଅନୋଜ କୁମାର ପଟ୍ଟନାୟକ ଓ କୋଷାଧକ୍ଷ ବିଦ୍ୟାଧର ନାୟକ ପରିଚାଳନା କରିଥିଲେ।

■ ଜାତୀୟ ରାଜପଥର ଗୁମର କଥା

## ଦେଢ଼ ବର୍ଷ ବିତିନି, ପିଚୁ ଉଠିଗଲାଣି

ହୁମ୍ମା,୧୦।୯ (ସମିସ): ଜାତୀୟ ରାଜପଥ ନଂ.୧୬ ସୁବଳୟା ସ୍ଥିତ ନବ ନିର୍ମିତ ଓଭର ବ୍ରିଜ କାମ ନିମ୍ନମାନର ନେଇ ଅଭିଯୋଗ ହୋଇଛି। ବ୍ରିଜ ନିର୍ମାଣର ଦେଢ଼ବର୍ଷ ବିତିନି ପିଚୁ ଉଠି ମରଣଯନ୍ତା ପାଲଟିଛି ରାସ୍ତା। ବ୍ରିଜ ଉପର ଭାଗରେ ପିଚୁ ଦବି ଗଲାଣି। ଫଳରେ ଯାନବାହନ ଚଳାଚଳବେଳେ ଭାରସାମ୍ୟ ହରାଉଥିବା ଦେଖିବାକୁ ମିଳିଛି। ଫଳରେ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଉଛି। ଓଭରବ୍ରିଜ ନିର୍ମାଣ କାର୍ଯ୍ୟକୁ ଅଞ୍ଚଳବାସୀ ପୂର୍ବରୁ



ବିରୋଧ କରି ଆସୁଛନ୍ତି। ଇଞ୍ଜିନିୟରମାନେ ଆସୁଛନ୍ତି ଦେଖୁଛନ୍ତି ଓ ଚାଲି ଯାଉଛନ୍ତି। ନିମ୍ନମାନର କାମ ହେଉଥିଲେ ବି ସବୁଦେଖି ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲୋକଙ୍କ ଜୀବନ ପ୍ରତି ବିପଦ ଥିବାରୁ ପୁନଃ ମରାମତି ସହ ନବନିର୍ମାଣ ବ୍ରିଜ୍‌ଟିର ଅବସ୍ଥା ଉପରେ ପୁନଃ ଯାଞ୍ଚ କରାଯାଉ ବୋଲି ଦାବି ହୋଇଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ ମଧ ଯୋଗଯୋଗ ସମ୍ଭବ ହୋଇପାରିନି।

## ୧୫୩ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ,୧୦।୯ (ସମିସ): ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଅପରେସନ ପ୍ରହାର ଆରମ୍ଭ କରାଯାଇଥିବା ବେଳେ କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଥାନା ପକ୍ଷରୁ ଏହି ଅଭିଯାନ ଚାଲୁ ରହିଛି। ମଙ୍ଗଳବାର ଫୁଲବାଣୀ ସଦର ଥାନା ପୁଲିସ ୧୫୩ କିଲୋ ଗଞ୍ଜେଇ ସହ ଏକ କାର ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଗ୍ରାମର ଲାଲବହାଦୂର୍ ସିଂ (୩୫)। ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ



କଶାକାଠି ଛକଠାରେ ଏକ କାରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଗାଡିରୁ ୧୫୩ କିଲୋ ଗଞ୍ଜେଇ ମିଳିଥିଲା। ପୁଲିସ କାର ଏବଂ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ମନ୍ଦରଡ଼ାରେ ମୁକୁଳା ଟ୍ରାନ୍ସଫର୍ମର୍‌ର ସ୍ଥାନାନ୍ତର ଦାବି

ପାତ୍ରପୁର,୧୦।୯ (ସମିସ): ଏହି ବ୍ଲକ ଅନ୍ତର୍ଗତ ମନ୍ଦିରଡ଼ା ଗ୍ରାମର ମନ୍ଦିର ଓ ବିଦ୍ୟାଳୟ ନିକଟରେ ବିଦ୍ୟୁତ୍ ବିଭାଗର ଟ୍ରାନ୍ସଫମର ରହିଥିବା ବେଳେ ସୁରକ୍ଷିତ ମନେ କରୁନାହାନ୍ତି ଗ୍ରାମବାସୀ। ମନ୍ଦିରକୁ ପ୍ରତ୍ୟେକ ଦିନ ବହୁ ଶ୍ରଦ୍ଧାଳୁ ଯାଉଥିବା ବେଳେ ମନ୍ଦିର ନିକଟକୁ ଲାଗି



ରହିଛି ବିଦ୍ୟାଳୟ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ମୁକୁଳା ଟ୍ରାନ୍ସଫମର ବିପଦ ସାଜିଛି। ଟ୍ରାନ୍ସଫମର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବାରମ୍ବାର ଗ୍ରାମବାସୀ ଦାବି କରିଥିବା ବେଳେ କୌଣସି ସୁଫଳ ମିଳିନି। ଗ୍ରାମର ମଧ୍ୟ ଭାଗରେ ଏହି ଟ୍ରାନ୍ସଫମର ରହିଥିବା ବେଳେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିପାରେ। ଯାହାକୁ ନେଇ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଚିନ୍ତାରେ। ଦୀର୍ଘଦିନ ହେବ ବିଭାଗ ନିକଟରେ ଗ୍ରାମବାସୀ ମୁକୁଳା ହୋଇ ରହିଥିବା ଟ୍ରାନ୍ସଫମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନିମନ୍ତେ ଦାବି କରି ଆସୁଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଯାହାକୁ ନିଘୋଡ ନିଦ୍ରାରେ ବିଦ୍ୟୁତ୍ ବିଭାଗ ରହିଥିବା ସାଧାରଣରେ ଚର୍ଚ୍ଚା ହୋଇଛି। ଉପରିସ୍ଥ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଇ ଟ୍ରାନ୍ସଫମରକୁ ସ୍ଥାନାନ୍ତର କଲେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀ ସୁରକ୍ଷିତ ରହିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତେବେ ବିଭାଗ ଦୃଷ୍ଟି ଉକ୍ତ ଟ୍ରାନ୍ସଫମର ଉପରେ କେବେ ପଡୁଛି ଏବଂ ଅନ୍ୟତ୍ର କେବେ ସ୍ଥାନାନ୍ତର ହେଉଛି ତାହା ଦେଖିବାକୁ ବାକି ରହିଲା।

## ଦୁଇ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଧରାକୋଟ,୧୦।୯ (ସମିସ): ଏହି ବ୍ଲକର ରୁଗୁମୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଧାକର ରାଉତ ଏଲିମେଣ୍ଟାରି ବର୍ଗରେ ଓ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ଢଉଗାଁର ସହକାରୀ ଶିକ୍ଷକ ହର ନାୟକ ମାଧ୍ୟମିକ ବର୍ଗରେ ଚଳିତ ବର୍ଷର ଗୁରୁ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷ୍ୟା ପୁରସ୍କାର ପାଇଛନ୍ତି। ଛତ୍ରପୁର ସ୍ଥିତ ଅନସ୍ଲୋ ଉଚ୍ଚ ବିଦ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ ପାତ୍ରଙ୍କଠାରୁ ଉଭୟେ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଉଦ୍‌ଘାଟିତ

ରଙ୍ଗେଇଲୁଣ୍ଡା,୧୦।୯ (ସମିସ): କନିଷି ହାଟ ପିଏମଶ୍ରୀ ବାଲାଜୀ ବିଦ୍ୟାପୀଠ ଖେଳପଡ଼ିଆରେ ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଦୁଇଦିନିଆ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥିଭାବେ ଜିଲ୍ଲାପରିଷଦ ଉପସଭାପତି ଏସ୍. ରାଜେଶ୍ୱରୀ ଦୋରା, ଅନ୍ୟତମ ଅତିଥି ଭାବେ କନିଷି ତହସିଲଦାର କବିରାଜ ପ୍ରଧାନ, ରାଜ୍ୟ ଖଣି ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜମୋହନ ନାହାକ, ଗଙ୍ଗାଧର ଶତପଥୀ, ବି. ସୋମନାଥ ପାତ୍ର, ସନତ ନାହାକ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନିକୁଞ୍ଜ ପ୍ରଧାନ ଓ ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। କ୍ରୀଡ଼ା ଶିକ୍ଷକ ମଧୁସୂଦନ ମିଶ୍ର ସଭା ପରିଚାଳନା କରିଥିଲେ। ଅତିରିକ୍ତ ବିଇଓ ଜଗନ୍ନାଥ ଭୂୟାଁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ୪ଟି ଜୋନ୍‌ର ୪୦୩ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।



## ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା




ବେଲଗୁଣ୍ଠା,୧୦।୯ (ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ସଭା ଅଧକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ପାଣିଗ୍ରାହୀ ସଭାକାର୍ଯ୍ୟ ପରିଚାଳନା, ଅଧ୍ୟାପକ ଡ଼. ପ୍ରଫୁଲ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ଅଧାପକ ଅଶୋକ କୁମାର ସ୍ୱାଇଁ, ଅଶୋକ କୁମାର ପ୍ରଧାନ, ଅଜୟ କୁମାର ବିଶ୍ୱାଳ, ସପନ କୁମାର ପ୍ରଧାନ, ଅଧାପିକା ପିଙ୍କି ପାତ୍ର ଓ କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ଶେଷରେ ଡ଼.ପ୍ରଫୁଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର

# ୧୬୮ ପରିବାର ଶେଷ କରିଛନ୍ତି ୧୦୦ ଦିନର କାମ

ଗଞ୍ଜାମ,୧୦।୯ (ସମିସ): ଗଞ୍ଜାମ ବ୍ଲକ ବୈଠକ ଗୃହରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଅଧକ୍ଷତା କରିଥିଲେ। ଜିଲ୍ଲା ଭାରପ୍ରାପ୍ତ ଉନ୍ନୟନ ଅଧିକାରୀ ବିଜୟ ବେହେରା, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ଡିଏସ୍ଏ ରବୀନ୍ଦ୍ର ନାଥ ମଲାଣ, ଏବିଡ଼ିଓ ଭବାନୀ ଶଙ୍କର ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ଦିଗାମ୍ବର ନାୟକ ମଞ୍ଚାସୀନ ଥିଲେ। ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଖଣ୍ଡଦେଉଳୀ ମେଡିକାଲ ଅଫିସର ସୌମ୍ୟକାନ୍ତ ମହାପାତ୍ର, ହୁମା ସମିତିସଭ୍ୟ ଧ୍ରୁବ ଚରଣ ପଲାଇ, ରାମଗଡ଼ ସରପଞ୍ଚ ସନ୍ତୋଷିନୀ ବେହେରା, ମଲାଡ଼ ସରପଞ୍ଚ ମମତା ବେହେରା, ଗୀତାଞ୍ଜଳି



ବେହେରାଙ୍କ ସମେତ ସମସ୍ତ ସମିତିସଭ୍ୟ, ସରପଞ୍ଚ ଉପସ୍ଥିତ ଥିଲେ।

ଏନେଇ ଆଲୋଚନାବେଳେ ପାଳିବନ୍ଧ ପଞ୍ଚାୟତରେ କିଛି ଶ୍ରମିକ ୪୦ ଦିନ କାର୍ଯ୍ୟ କରିଥିବା ବେଳେ କାଗଜପତ୍ରରେ ୧୦୦ ଦିନ ଦର୍ଶାଯାଇଥିବା ଅଭିଯୋଗ ହୋଇଥିଲା। ୬ ମାସ ହେଲା କିଛି ପଞ୍ଚାୟତର ଜିଆରଏସ୍‌ମାନେ କେସ ରେକର୍ଡ ସବମିଟ କରିନଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ୭ ଦିନ ମଧ୍ୟରେ ଏ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନରେଗା, ସାମଗ୍ରିକ ଶିକ୍ଷା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ତ୍ରୁଟି ସଂଶୋଧନ, ମୃତ୍ତିକା ସଂରକ୍ଷଣ ଆଦି ଉପରେ ଆଲୋଚନା ହୋଇଥିଲା। ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ର ୬ ମାସରେ ୨୫୫୦ ପ୍ରକଳ୍ପ ଅନୁମୋଦନ ହୋଇଥିଲା। ସେଥିରୁ ୧୨୮୪ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ୯ କୋଟି ୮୬ ଲକ୍ଷ ୫୩ ହଜାର ଖର୍ଚ୍ଚ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଜବକାର୍ଡ ପାଇଁ ୧୭୯୧୪ ପରିବାର ଆବେଦନ କରିଥିବା ବେଳେ ସମସ୍ତେ ପାଇଛନ୍ତି। ଚଳିତ ବର୍ଷ ୨୫୯୫୧୯ କାର୍ଯ୍ୟଦିବସ ସୃଷ୍ଟି ହୋଇଥିଲା ବେଳେ ୧୬୮ ପରିବାର ୧୦୦ ଦିନ ଶେଷ କରିଥିବା ବ୍ଲକ ପକ୍ଷରୁ କୁହାଯାଇଛି। ପୋଇରାଶି ପଞ୍ଚାୟତରେ ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ହେଉନଥିବା ସରପଞ୍ଚ ରବୀନ୍ଦ୍ର ବେହେରା ଅଭିଯୋଗ କରିଥିଲେ। ବୈଠକରେ ଅନୁପସ୍ଥିତ ଥିବା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ବିଡ଼ିଓଙ୍କୁ ସିଡିଓ ନିର୍ଦ୍ଦେଶ ଦେଇଥିଲେ।

